SAMBAD
ସମ୍ବାଦ
Largest circulated odia daily




ବିଶ୍ୱର ସର୍ବୋଚ୍ଚ ପଥର ଗରୁଡ଼ ମୂର୍ତ୍ତି ପୁରୀରେ ସ୍ଥାପନ ହେବ; କପା ଚାଷୀଙ୍କ ଆତ୍ମହତ୍ୟା, ବାପ ସହ ମଝିଆ ଝିଅର ମୃତ୍ୟୁ, ସାନ ଡାକ୍ତରଖାନାରେ;

ତାରିଖ : ୨୭/୪/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

BhubaneswarBalasoreKatakBrahmapurJeyporeSambalpurAnugulRourkela

Yellow pages
Orissa info
Ayurveda
Glamour Orissa
Public news reporting
Real-estate
Bidese odia
Vastu & Horoscope
Matrimonials
Calendar
Exam result
Art & craft
Eminent Personality
Jobs
News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ

ଶୁକ୍ରବାର
Click here for WEB ADVERTISEMENT TARIFF CLICK

ଆଇଆଇଟି ପ୍ରସଙ୍ଗରେ ଓଡିଶା ସାଂସଦ ଭାଗ ଭାଗ---

## ଆଇଆଇଟି ପ୍ରସଙ୍ଗରେ ଓଡିଶା ସାଂସଦ ଭାଗ ଭାଗ

ନୂଆଦିଲ୍ଲୀ (ଇମିସ): ଗୁରୁବାରଠାରୁ ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ଓଡ଼ିଶାରେ ପଞ୍ଚାୟତ ନିର୍ବାଚନର ଆଳ ଦେଖାଇ ଗତ ଅଧିବେଶନ ସମୟରେ ରାଜ୍ୟର ବିଭିନ୍ନ ପ୍ରମୁଖ ଦାବି ଗୃହରେ ଉପସ୍ଥାପିତ କରି ପାରି ନଥିବା ଓଡ଼ିଆ ସାଂସଦମାନେ ଏଥର କିନ୍ତୁ ଅଣ୍ଟା ଭିଡ଼ିଛନ୍ତି । ଖାସ୍ କରି ଆଇଆଇଟି ପ୍ରସଙ୍ଗକୁ ନେଇ ରାଜ୍ୟର ଶାସକ ବିଜେପି ଓ ବିଜେଡ଼ି ସାଂସଦମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି । ବିଜେପି ନେତାମାନେ ଏହାକୁ ଜୋର ଜବରଦସ୍ତ କେନ୍ଦ୍ରଠାରୁ ହାସଲ କରିବୁ ବୋଲି କହି ବୁଲୁଥିବା ବେଳେ ଶାନ୍ତିପୂର୍ଣ୍ଣ ଢ଼ଙ୍ଗରେ କେନ୍ଦ୍ର ଆଗରେ ଓଡ଼ିଶାର ଦାବି ଉପସ୍ଥାପିତ କରାଯିବ ବୋଲି ବିଜେଡି ସାଂସଦମାନେ କହିଛନ୍ତି । ଅପରପକ୍ଷରେ କଂଗ୍ରେସ କିନ୍ତୁ ଏଥିପାଇଁ ରାଜ୍ୟ ସରକାରଙ୍କ ଅସହଯୋଗ ମନୋବୃତ୍ତିକୁ ଦାୟୀ କରିଛି ।

ଓଡ଼ିଶାର ଆଇଆଇଟି ପ୍ରସଙ୍ଗ ଏକ ସମ୍ବେଦନଶୀଳ ବିଷୟ ହୋଇଥିବା କାରଣରୁ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ରାଜନୀତି କରିବା ଆରମ୍ଭ କରି ଦେଇଛନ୍ତି । ଭାରତୀୟ ଜନତାପାର୍ଟି ସାଂସଦ ରୁଦ୍ରନାରାୟଣ ପାଣି ଓ ଜୁଏଲ ଓରାମ କେନ୍ଦ୍ରଠାରୁ ଜୋରଜବରସ୍ତ ଦାବି ହାସଲ କରିବା ନେଇ ମତ ଦେଇଛନ୍ତି । ଏପରିକି ପରୋକ୍ଷରେ ଏମାନେ ବିଜେଡି ସାଂସଦ ମାନଙ୍କ ଶାନ୍ତିପୂର୍ଣ୍ଣ ଭାବରେ ଦାବି କରିବା ଢ଼ଙ୍ଗକୁ ନିନ୍ଦା ମଧ୍ୟ କରିଛନ୍ତି । ସଂସଦର ଚଳିତ ଅଧିବେଶନରେ ଓଡ଼ିଶାର ଦାବି ନେଇ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଅଚଳ କରି ଦିଆଯିବ ବୋଲି ସେମାନେ କହିଛନ୍ତି ।

ଅନ୍ୟପକ୍ଷରେ ବିଜେଡି ସାଂସଦ ବୈଜୟନ୍ତ ପଣ୍ଡା ଏ ଦିଗରେ ଟିକିଏ ନରମ ମନୋଭାବ ପୋଷଣ କରିଛନ୍ତି । ସେ କହିଛନ୍ତି ଯେ ବିଜେଡି ସାଂସଦମାନେ ଶାନ୍ତିପୂର୍ଣ୍ଣ ଢ଼ଙ୍ଗରେ ସଂସଦ ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ସାମ୍ନାରେ କେନ୍ଦ୍ରର ଅବିଚାର ବିରୋଧରେ ଧାରଣା ଦେବେ । ଆସନ୍ତା ୧୫ ତାରିଖ ଦିନ ଏହି ପ୍ରସଙ୍ଗକୁ ନେଇ ଆଗାମୀ ଓଡ଼ିଶା ତରଫରୁ ଯନ୍ତରମନ୍ତରଠାରେ ହେବାକୁ ଥିବା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ମଧ୍ୟ ତାଙ୍କ ଦଳର ସାଂସଦମାନେ ସମର୍ଥନ କରିବେ ବୋଲି ସେ କହିଛନ୍ତି ।

ଅନ୍ୟ ଏକ ଘଟଣାକ୍ରମରେ ରାଜ୍ୟର କଂଗ୍ରେସ ସାଂସଦମାନେ ଆଇଆଇଟି ପ୍ରସଙ୍ଗ ନେଇ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ଦିଲ୍ଲୀସ୍ଥି

ତ ରେସିଡେଣ୍ଟ କମିସନର ଓଡ଼ିଶା ସରକାରଙ୍କ କୌଣସି ଦାବି କିମ୍ବା ଯୋଜନା ବିଷୟରେ କଂଗ୍ରେସ ସାଂସଦମାନଙ୍କୁ ଅବଗତ କରାଉ ନାହାନ୍ତି ବୋଲି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଅଭିଯୋଗ ଆଣିଛନ୍ତି । ସାଂସଦ ସୁଶୀଳା ତିରିଆ ଆଇଆଇଟି ନେଇ ବିଜେଡ଼ି-ବିଜେପି ସାଂସଦମାନେ ଶସ୍ତା ରାଜନୀତି କରୁଛନ୍ତି ବୋଲି କହିଛନ୍ତି । ତାଙ୍କ କହିବା ଅନୁସାରେ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ପାଇଁ କଂଗ୍ରେସ ସାଂସଦମାନେ ଅଲଗା ଫୋରମରେ ଦାବି କରୁଛନ୍ତି । ତେଣୁ ଏହି ପ୍ରସଙ୍ଗରେ ଓଡ଼ିଆ କଂଗ୍ରେସ ସାଂସଦମାନେ କିଛି କରୁନାହାନ୍ତି ବୋଲି କହିବା ଭୁଲ ହେବ ।

ଗତ ଅଧିବେଶନ ସମୟରେ ମେରିଟାଇମ୍ ୟୁନିଭର୍ସିଟିର ସ୍ଥାନକୁ ନେଇ ଆନ୍ଧ୍ରା ଓ ପଶ୍ଚିମବଙ୍ଗର ସାଂସଦମାନେ ଦଳମତ ନିର୍ବିଶେଷରେ ନିଜ ନିଜ ରାଜ୍ୟ ସପକ୍ଷରେ ସଂସଦ ରେ ଦାବି କରିଥିଲେ । ମାତ୍ର ଓଡ଼ିଶା କ୍ଷେତ୍ରରେ ତାହାର ଠିକ୍ ଓଲଟା ଏବେ ଦେଖିବାକୁ ମିଳୁଛି । କେଉଁ ଦଳ କିଭଳି ଭାବରେ ନିଜ ରାଜ୍ୟ ସପକ୍ଷରେ ଦାବି ଉପସ୍ଥାପନ କରିବ ତାକୁ ନେଇ ବାଦ ବିବାଦ ଚାଲୁଛି । ଫଳରେ ଆଇଆଇଟି ନେଇ ଓଡ଼ିଶା ଭାଗ୍ୟରେ କ'ଣ ରହିଛି ତାହା ସହଜରେ ଜଣା ପଡ଼ିଯାଉଛି ।

## ମୁଖ୍ୟଖବର

- ଦକ୍ଷିଣ ଆଫ୍ରିକାକୁ ଅଲ୍‌ଆଉଟ୍ କରିବା ପରେ ଆନନ୍ଦିତ ଅଷ୍ଟ୍ରେଲିଆ ଖେଳାଳି; ପଞ୍ଚଦଶ ଜାତୀୟ ସିନିୟର ମହିଳା ଫୁଟବଲ୍ ଚାମ୍ପିଆନସିପ୍ ଆରମ୍ଭ
- ବିଶ୍ୱର ସର୍ବୋଚ୍ଚ ପଥର ଗରୁଡ଼ ମୂର୍ତ୍ତି ପୁରୀରେ ସ୍ଥାପନ ହେବ
- କପା ଚାଷୀଙ୍କ ଆତ୍ମହତ୍ୟା: ବାପ ସହ ମଝିଆ ଝିଅର ମୃତ୍ୟୁ, ସାନ ଡାକ୍ତରଖାନାରେ
- କଳିଙ୍ଗନଗର ପୁଣି ଅଶାନ୍ତ, ବିସ୍ଥାପିତଙ୍କ ଉପରେ ଆକ୍ରମଣ, ୯ ଗୁରୁତର
- କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଅଧ୍ୟାପକଙ୍କ ଅବସର ବୟସ ବଢ଼ିଲା
- ଶିଲ୍ପାଙ୍କୁ ଚୁମ୍ବନ: ଗେରେଙ୍କ ନାମରେ ଗିରଫ ପରୱାନା
- ଶେଷରେ ବୋର୍ଡ ମୁଣ୍ଡ ନୁଆଁଇଲା, ଦଶମ ଶ୍ରେଣୀ ସାମାଜିକ ବିଜ୍ଞାନ ବହି ବଦଳିବ
- ଡାଆଣୀ ସନ୍ଦେହରେ ଡବଲ ମର୍ଡର: ହତ୍ୟାକାରୀକୁ ଫାଶୀ
- କଟାରାଙ୍କୁ ସଂସଦ ମନା
- ଓବିସି ସଂରକ୍ଷଣ ବିନା ଆରମ୍ଭ ହେବ ନାମଲେଖା
- ୬ ଓଡ଼ିଆ ବରପୁତ୍ରଙ୍କ ବାସଭବନ ହେବ ଜାତୀୟ ସଂଗ୍ରହାଳୟ
- ରାଜ୍ୟ ସଂଗ୍ରହାଳୟର ୨ ହଜାର ବିରଳ ପୋଥି ଇ-ପୁସ୍ତିକାରେ ରୂପାନ୍ତରିତ
- ଗବେଷଣା ତା' ବାଟରେ, ଚାଷୀ ହତାଶ
- ଗ୍ରାମ୍ୟ ଜଳଯୋଗାଣ ପାଇଁ ୨୮ କୋଟି
- ସରକାରୀ ପରିସଂଖ୍ୟାନ ସନ୍ଦେହ ଘେରରେ: ଡ୍ରପ୍‌ଆଉଟ୍ ବର୍ଷକରେ ୩୦ ପ୍ରତିଶତ ଖସିଲା
- ଆଶ୍ରମ ସ୍କୁଲ ମାମଲା: ଫେରାର୍ ପ୍ରଧାନ ଶିକ୍ଷକ ନିଲମ୍ବିତ
- ପୋସ୍କୋ ବିରୋଧୀଙ୍କ ମାମଲାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ୍ ତତ୍ପର
- ଦାମଙ୍କ ପୁଅ ନାମରେ ୱାରେଣ୍ଟ, ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ
- ନକ୍ସଲ ପ୍ରଭାବିତ ରାଜ୍ୟମାନଙ୍କ ବୈଠକ: ବିସ୍ଥାପନ ଯୋଗୁଁ ନକ୍ସଲ ଉତ୍ପାତ ବୃଦ୍ଧି ପାଉଛି
- ମଣିଷ ଚାଲାଣ : ଟିଆରଏସ୍ ବିଧାୟକଙ୍କ ବିରୋଧରେ ମାମଲା
- ଆଇଆଇଟି ପ୍ରସଙ୍ଗରେ ଓଡିଶା ସାଂସଦ ଭାଗ ଭାଗ






ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

**News letter**

**Newsletter Signup**

Name*

Email*

Subscribe

Unsubscribe





ଏଇ ପୃଥିବୀ ପେଇଁକି

ମନ ହଉନା

ଏଇ ପୃଥିବୀ

ବରଗଡ଼ ତହସିଲଦାରଙ୍କ ଘରୁ ୨୮ ଲକ୍ଷ ଟଙ୍କାର ସଂପତ୍ତି ଠାବ

ସପ୍ତମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ତ୍ରୁଟି: ମେଧା ତାଲିକାରେ ଝିଅ ବଦଳରେ ମା'ଙ୍କ ନାଁ!

ପୃଥିବୀ'କୁ

ନେଇଯା ଟେ

ମହାବାହୁ...

ସେଠିକି ମଁ

ଏ ପୃଥିବୀ ଏ

କରି

'ସେଇ ପୃଥି

Make your attractive website with domain name booking and web space only @ **INR 3995**/- * for further informatio

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768